**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ପଠନ ଏବଂ ଲିଖନ**

| ଓଡ଼ିଆ |
|---|
| ମୁଁ ଯେତେବେଳେ ଆମ ଶିକ୍ଷକଙ୍କ ସହିତ ପ୍ରୟୋଜନଭିତ୍ତିକ ଶିକ୍ଷାଲାଭ ବିଷୟରେ ଆଲୋଚନା କଲି ସେମାନେ କହିଲେ ଯେ ଏଠାରେ ପଢୁଥିବା ପିଲାମାନଙ୍କର ଲେଖିବା ଓ ପଢ଼ିବାରେ ସମସ୍ୟା ରହିଛି। ବିଷୟ ବା ପଢ଼ିବା ପରିସର କଥା ପରେ ଆସିବ।<br>୯ମ ଏବଂ ୧୦ ମ ଶ୍ରେଣୀରେ ପିଲାମାନଙ୍କୁ ବହୁତ ବିଷୟ ପଢ଼ିବାକୁ ପଡ଼େ। କିନ୍ତୁ ସେମାନଙ୍କର ପଢ଼ିବା ଓ ଲେଖିବା ଦକ୍ଷତା ଖୁବ୍ ବେଶି ଭଲ ନୁହେଁ। ସେମାନଙ୍କ ଜ୍ଞାନ ରହିଥିବା ସତ୍ତ୍ୱେ ସେମାନେ ପ୍ରକାଶ କରିପାରନ୍ତି ନାହିଁ। ତେଣୁ ଆମେ ହୃଦୟଙ୍ଗମ କଲୁ ଯେ ସେମାନଙ୍କର ପଢ଼ିବା ଓ ଲେଖିବା ଦକ୍ଷତାରେ ଉନ୍ନତି ଆଣିବାକୁ ହେବ। ପ୍ରୟୋଜନଭିତ୍ତିକ ଶିକ୍ଷାଦାନର ଆବଶ୍ୟକତା ଅଛି। ତେଣୁ ମୁଁ ଆମ ଶିକ୍ଷକଙ୍କ ସହିତ ଗୋଟିଏ ପାଠ୍ୟ ଯୋଜନା ପ୍ରସ୍ତୁତ କଲି।<br>ଏ କ୍ଷେତ୍ରରେ ବିଶେଷକରି ଆମର ହିନ୍ଦି ଓ ଇଂରାଜୀ ଶିକ୍ଷକ ବହୁତ ସାହାଯ୍ୟ କଲେ। ଯେତେବେଳେ ଶିକ୍ଷକ ସେମାନଙ୍କର ନିଜ ନିଜର ବିଷୟ ପଢ଼ାଉଥାନ୍ତି, ଯଦି ପିଲାଟି ଭୁଲ ଲେଖେ ତେବେ ଶିକ୍ଷକ ପଢ଼ାଉଥିବା ବିଷୟ ନିର୍ବିଶେଷରେ ମୂଳ ବିଷୟକୁ ଫେରି ତାଙ୍କୁ ସାହାଯ୍ୟ କରିଥାନ୍ତି।<br>ଯଦି କେହି ହିନ୍ଦିରେ ବନାନ ତ୍ରୁଟି କରେ, ସେମାନେ ମୂଳ ବିଷୟ ଯେଉଁଠାରେ ତ୍ରୁଟି ରହିଛି, ସେଠାକୁ ଫେରି ଉଚ୍ଚାରଣ ଓ ବନାନ ସଂଶୋଧନ କରିଥାନ୍ତି।<br>ଏହି ପ୍ରକ୍ରିୟା ମାଧ୍ୟମରେ ଆମ ଶିକ୍ଷକ କୌଣସି ଭୁଲ ବୁଝିବା ଥିଲେ, ସଂଶୋଧନ କରିବା ସୁନିଶ୍ଚିତ କରିଥାନ୍ତି। ଆମର ଶିକ୍ଷକମାନେ ପଢ଼ା ହେଉଥିବା ବିଷୟଗତ ଧାରଣା ପିଲାମାନେ ବୁଝିଛନ୍ତି କି ନାହିଁ, ଚିନ୍ତା ନ କରି କେବଳ ମାତ୍ର ବିଷୟବସ୍ତୁରେ ଦିଆଯାଇଥିବା ପାଠ ପଢ଼ାନ୍ତି ନାହିଁ।<br>ପିଲାମାନଙ୍କର ପୃଷ୍ଠଭୂମି ଓ ସେମାନଙ୍କର ପଢ଼ିବା ଓ ଲେଖିବା ଦକ୍ଷତାକୁ ବୁଝି ଆମେ ସେହି ଅନୁଯାୟୀ ପ୍ରୟୋଜନାଭିତ୍ତିକ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିଥାଉ। |